# ତହସିଲ କାର୍ଯ୍ୟାଳୟ , ଆଠମଲ୍ଲିକ

**ବିଜ୍ଞାପନ ପତ୍ର ସଂଖ୍ୟା . 2955 /        ତାରିଖ . 02.08.2021**

## ଲଘୁ ଖଣିଜ ଦ୍ରବ୍ୟର ନିଲାମ ନିମନ୍ତେ ବିଜ୍ଞାପନ

**[ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬ ଓ ତତ ପରବର୍ତ୍ତୀ (ସଂଶୋଧନ) ଆଇନ ଅନୁଯାୟୀ]**

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଆଠମଲ୍ଲିକ ତହସିଲ ଅନ୍ତର୍ଗତ ଖଡରାପଡା ଠାରେ ବେଆଇନ ଭାବେ ଗଚ୍ଛିତ ଥିବା **୫୪୫ ଘନ ମିଟର (545 CuM)** ବାଲି ଲଘୁ ଖଣିଜ ନିମନ୍ତେ ନିଲାମ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଇଚ୍ଛୁକ ବ୍ୟକ୍ତି ସବିଶେଷ ତଥ୍ୟ ତହସିଲ କାର୍ଯ୍ୟାଳୟ ଦ୍ୱାରା ପ୍ରସ୍ତୁତ FORM ପୂରଣ କରି ଏହାର ତିନି କିତା ନକଲ ସହ ନିମ୍ନଲିଖିତ ଆବଶ୍ୟକୀୟ କାଗଜାତ ସଲଗ୍ନ କରି ଜଉମୁଦ ଲଫାପା (Sealed Cover) ରେ ଆବେଦନ କରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଆସନ୍ତା ତା. ୦୯.୦୮.୨୦୨୧ ରିଖ (09th August, 2021) ସୋମବାର ଦିନ ଅପରାହ୍ଣ ୨.୦୦ ଘଟିକା ସମୟ ପର୍ଯ୍ୟନ୍ତ ତହସିଲ ଅଫିସରେ ଉଦ୍ଧିଷ୍ଟ ଥିବା ଟେଣ୍ଡର ବାକ୍ସରେ ଦାଖଲ କରିବେ କିମ୍ବା Registered/Speed Post ମାଧ୍ୟମରେ ତହସିଲଦାର, ଆଠମଲ୍ଲିକ ଙ୍କ ଠିକଣାରେ ପଠାଇପାରିବେ । ଉପରୋକ୍ତ ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । **ଏହି ନିଲାମ ନିମନ୍ତେ ବାଲି ଲଘୁ ଖଣିଜ ର ରୟାଲଟି (Royalty) ଦେୟ ଟ. ୩୫.୦୦ ଏବଂ ଅତିରିକ୍ତ ଦେୟ (Additional Charge) ଟ. ୩୫.୦୦ ସ୍ଥିରିକୃତ ହୋଇଅଛି ।**

ସମସ୍ତ ପ୍ରାପ୍ତ ହୋଇଥିବା ବନ୍ଦ ଲଫାପା ଗୁଡିକୁ ତା. ୦୯.୦୮.୨୦୨୧ ରିଖ (09th August, 2021) ସୋମବାର ଅପରାହ୍ଣ ୫.୦୦ ଘଟିକା ସମୟରେ ଖୋଲାଯାଇ ଦରଖାସ୍ତ ଗୁଡିକୁ ତନଖି କରାଯିବ ଏବଂ ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ଧାର୍ଯ୍ୟ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ ।

ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରାଧିକୃତ ପ୍ରତିନିଧି ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟାରେ ଉପସ୍ଥିତ ରହିପାରନ୍ତି ।

02/08/2021

Tahasildar, Athmallik

OFFICE OF THE TAHASILDAR, ATHMALLIK, DIST. ANGUL

## ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଆବଶ୍ୟକୀୟ କାଗଜାତ

୧. ଦରଖାସ୍ତ ପାଉଣା ବାବଦ ଟ.୧୦୦୦.୦୦ (ଏକ ହଜାର ଟଙ୍କା) ର ଟ୍ରେଜେରୀ ଚାଲାଣ (Non-Refundable) । ଏହି (0853-Non-Ferrous Mining and Metallurgical Industries-102-Mineral Concession Fees, Rents and Royalties) Head of accounts ରେ ଜମା ହେବା ବିଧେୟ ।

୨. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ସମ୍ବନ୍ଧୀୟ ସତ୍ୟପାଠ ।

୩. ଦରଖାସ୍ତକାରୀ Rule 27(4) (IV) of OMMC Rules, 2016, ନିୟମ 27(A) (IV) ମୁତାବକ ଉତ୍ତୋଳନ ହେବାକୁ ଥିବା ବାଲି ର Minimum Guaranteed Quantity (MGQ) ର ରୟାଲଟି ଓ ଆବେଦନ କରିଥିବା ପ୍ରସ୍ତାବିତ ଅତିରିକ୍ତ ଦେୟ (Additional Charge) ପରିମାଣର ସମାନ ଅର୍ଥ ବା ତଦୁର୍ଦ୍ଧ ମୂଲ୍ୟର ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee) କିମ୍ବା ଶୋଧକ୍ଷମ ପ୍ରମାଣପତ୍ର (Solvency Certificate) ଯାହାର ଅବଧି ୧୮ ମାସ ପାଇଁ ବୈଧ ଥିବ ତାହା ଦାଖଲ କରିବେ ଓ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତିର ତାଲିକା ପ୍ରଦାନ କରିବେ ।

୪. ଆବେଦନକାରୀ ଅମାନତ ରାଶି (Earnest Money) ସ୍ୱରୂପ ଗଛିତ ବାଲି **(545 CuM)** ର ରୟାଲଟି (Royalty) ଓ ସର୍ବନିମ୍ନ ଅତିରିକ୍ତ ଦେୟ (Minimum Additional Charge) ର **ଶତକଡା ୫ ପ୍ରତିଶତ ଯାହାକି ଟ. ୧୯୦୮.୦୦ (Rs.1908.00) ବ୍ୟାଙ୍କ ଡ୍ରାଫ୍ଟ** ଆକାରରେ ତହସିଲଦାର, ଆଠମଲ୍ଲିକ ଙ୍କ ନାମରେ ଥାଇ ବନ୍ଦ ଲଫାପାରେ ଦରଖାସ୍ତ ସହିତ ସଲଗ୍ନ କରିବା ଆବଶ୍ୟକ ଅଟେ ।

୫. ଅନ୍ୟ ବିବରଣୀ ଯଥା ବୈଷୟିକ ଜ୍ଞାନ, ଦକ୍ଷତା, ଆର୍ଥିକ ସ୍ଥିତି ଏବଂ ନିଜ ପାଖରେ ଥିବା ଯନ୍ତ୍ରପାତିର ବିବରଣୀ ।

୬. G.S.T. Clearance ସାର୍ଟିଫିକେଟ ର ନକଲ / ଗତବର୍ଷର Income Tax Return ର ନକଲ ।

ଦରଖାସ୍ତକାରୀ ଉପରୋକ୍ତ କାଗଜାତ ଗୁଡିକ ଦାଖଲ ନକଲେ ତାଙ୍କ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲିଖିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା, କ୍ଷମତାପନ୍ନ ଅଧିକାରୀଙ୍କର ରହିଛି । କୌଣସି କାରଣ ନଥାଇ ଦରଖାସ୍ତକୁ ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଅଛି। ସମସ୍ତ ଦରଖାସ୍ତକାରୀ OMMC Rules, ୨୦୧୬ ଓ ତତ ପରବର୍ତ୍ତୀ (ସଂଶୋଧନ) ଆଇନ ଅନୁଯାୟୀ ସମସ୍ତ ସର୍ତ୍ତାବଳୀକୁ ପାଳନ କରିବା ବିଧେୟ । ସଇରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ (ଛୁଟି ଦିନ ବ୍ୟତୀତ ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ।

02/08/2024

Tahasildar, Athmallik

OFFICE OF THE TAHASILDAR
ତହସିଲଦାରଙ୍କ କାର୍ଯ୍ୟାଳୟ
ଆଠମଲ୍ଲିକ, ଜିଲ୍ଲା- ଅନୁଗୋଳ
ATHMALLIK, DIST- ANGUL

# ସର୍ତ୍ତାବଳୀ

୧. ଆବେଦନକାରୀମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬ ଓ ତତ ପରବର୍ତ୍ତୀ (ସଂଶୋଧନ) ଆଇନର ପରିସର ଭୁକ୍ତ ରହିବେ ଏବଂ ପାଳନ କରିବାକୁ ବାଧ ହେବେ ।

୨.ଦରଖାସ୍ତ କରିବା ପୂର୍ବରୁ ଗଚ୍ଛିତ ଥିବା ଲଘୁ ଖଣିଜ ପଦାର୍ଥ ପରିଦର୍ଶନ କରି ସଇରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ହେବେ ।

୩.ନିଲାମ ଗ୍ରହଣ କରିସାରିଲା ପରେ ଗଚ୍ଛିତ ଥିବା ଲଘୁ ଖଣିଜ ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା ଏଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । **ମନୋନୀତ ଆବେଦନକାରୀ ତିନି ମାସ ମଧ୍ୟରେ ସମସ୍ତ ଲଘୁ ଖଣିଜ ପଦାର୍ଥ ଉଠାଇବେ।**

୪. ନିଲାମ ଦିଆଯାଇଥିବା ଧାର୍ଯ୍ୟ ସମୟ (ତିନି ମାସ) ମଧ୍ୟରେ କୌଣସି ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ପାଇଁ କ୍ଷମତାପନ୍ନ ଅଧିକାରୀ ଦାୟୀ ରହିବେ ନାହିଁ ।

୫. ନିଲାମ ର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ଓ ସର୍ବାଧିକ ଅତିରିକ୍ତ ଦେୟ **(Additional Charge)** ଉଲ୍ଲେଖ କରିଥିବା ଆବେଦନକାରୀଙ୍କୁ ଯୋଗ୍ୟ ବିବେଚିତ କରାଯିବ ।

୬. ସର୍ବୋଚ୍ଚ ସର୍ବାଧିକ ଅତିରିକ୍ତ ଦେୟ (Additional Charge) ଉଲ୍ଲେଖ କରିଥିବା ଆବେଦନକାରୀ ନିଲାମ ନନେଲେ ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ଉଲ୍ଲେଖ କରିଥିବା ଆବେଦନକାରୀଙ୍କୁ ଲିଜ ନେବାର ସୁଯୋଗ ଦିଆଯିବ କିମ୍ବା ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସଇରାତ ଉତ୍ସ ନିମନ୍ତେ ଦର୍ଶାଯାଇଥିବା ଅତିରିକ୍ତ ଦେୟ (Additional Charge) ର ମୂଲ୍ୟ ସମାନ ପରିଲକ୍ଷିତ ହୁଏ, ତେବେ ତାହା ଧର୍ମଗୋଳା ମାଧ୍ୟମରେ (By draw of lots) ନିଲାମଧାରୀ ଚୟନ କରାଯିବ ।

୭. ଯଦି କୌଣସି ଦରଖାସ୍ତକାରୀ ଆବଶ୍ୟକୀୟ ସମସ୍ତ କାଗଜାତ ସଂଲଗ୍ନ ନକରି କିମ୍ବା ଧାର୍ଯ୍ୟ Minimum Additional Charge ଠାରୁ କମ ଦରରେ ଦରଖାସ୍ତ କରିଥିବେ ତେବେ ତାଙ୍କର ଫର୍ମ ଖାରଜ କରିଦିଆଯିବ । କୌଣସି ଅସମ୍ପୂର୍ଣ ଦରଖାସ୍ତ ଗ୍ରହଣ ଯୋଗ୍ୟ ହେବ ନାହିଁ ।

୮. ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ଦାଖଲ ପାଇଁ ଆବେଦନ କରିଥିବା ବ୍ୟକ୍ତି ନିଲାମ ଗ୍ରହଣ ନକଲେ ତାଙ୍କର ଜମାରାଶି ବାଜ୍ୟାପ୍ତି କରାଯିବ ଓ ୨ୟ ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ଉଲ୍ଲେଖ କରିଥିବା ଆବେଦନକାରୀଙ୍କୁ ନିଲାମ ଗ୍ରହଣ କରିବାପାଇଁ ସୁଯୋଗ ଦିଆଯିବ ।

୯. ପ୍ରଚଳିତ ନିୟମ ଅନୁଯାୟୀ ନିଲାମ ଧାରୀ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦେୟ ପଇଠ କରିବା ପାଇଁ ବାଧ ହେବେ ।

୧୦. ନିୟମ ଅବଧି ମଧ୍ୟରେ ସରକାରଙ୍କ ଧାର୍ଯ୍ୟ ଲଘୁ ଖଣିଜ ଦ୍ରବ୍ୟର ରୟାଲଟି ଓ ଅନ୍ୟାନ୍ୟ ଦେୟରେ କୌଣସି ବୃଦ୍ଧି ଘଟିଲେ ଓ ସମ୍ପୃକ୍ତ ଲିଜଧାରୀଙ୍କ ମୂଲ୍ୟାଙ୍କ ଠାରୁ ଅଧିକ ହୋଇଥାଏ ତେବେ ଲିଜଧାରୀ ବର୍ଦ୍ଧିତ ହାରରେ ରୟାଲଟି ଓ ଅନ୍ୟାନ୍ୟ ଦେୟ ପଇଠ କରିବା ପାଇଁ ବାଧ ହେବେ ।

୧୧. ସର୍ବୋଚ୍ଚ ନିଲାମଧାରୀଙ୍କୁ ତାଙ୍କ ସପକ୍ଷରେ ମଞ୍ଜୁର ହୋଇଥିବା ବିଷୟ ସେହି ଦିନ ଜଣାଇ ଦିଆଯିବ ଓ **ସର୍ବୋଚ୍ଚ ନିଲାମଧାରୀ ସେହି ଦିନ ସହମତି ପତ୍ର ପ୍ରଦାନ କରିବା ସହିତ ସମସ୍ତ ଦେୟ ରାଶି ଦାଖଲ କରିବେ ।**

୧୨. ଯଦି ମନୋନୀତ ବ୍ୟକ୍ତି ସହମତି ପତ୍ର ପ୍ରଦାନ ନକରନ୍ତି ଓ ଦେୟ ରାଶି ପଇଠ ନକରନ୍ତି, ତେବେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

୧୩. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ ନିଲାମଧାରୀଙ୍କୁ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପନ୍ନ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ନିଲାମଧାରୀ ଖଣିଜ ପଦାର୍ଥ ଉଠାଇ ପାରିବେ ନାହିଁ। ନିଲାମ ଅବଧି

02/08/2021

Tahasildar, Athmallik

ମଧ୍ୟରେ ଲିଜଧାରୀ ଲିଜ ସମ୍ପର୍କୀୟ ସର୍ତ୍ତାବଳୀ ର ଉଲ୍ଲଘନ କଲେ ତାଙ୍କର ନିଲାମ ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଜମାରାଶିକୁ ବାଜ୍ୟାପ୍ତି କରାଯିବ ।

୧୪. ତହସିଲ କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟ ଦିବସରେ ଇଚ୍ଛୁକ ପ୍ରାର୍ଥୀ ଆବଶ୍ୟକୀୟ ଫର୍ମ, ଲିଜ ସର୍ତ୍ତାବଳୀ ତଥା ଅନ୍ୟ ସମସ୍ତ ବିବରଣୀ ଅବଗତ ହୋଇପାରିବେ ।

୧୫. ଗଛିତ ଥିବା ଲଘୁ ଖଣିଜ ପଦାର୍ଥ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ (ଛୁଟି ଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ ସର୍ତ୍ତାବଳୀ www.angul.nic.in ରେ ଉପଲବ୍ଧ ହେବ।

୧୬. ନିଲାମ ଗ୍ରହଣ କରିବା ପାଇଁ ଦରଖାସ୍ତ ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ଗ୍ରହଣ କରାଯିବ । ନିର୍ଦ୍ଧାରିତ ସମୟ ପରେ ଆସିଥିବା ଦରଖାସ୍ତ ଗ୍ରହଣଯୋଗ୍ୟ ହେବ ନାହିଁ ।

୧୭. ଯଦି ଉକ୍ତ ବିଜ୍ଞାପନରେ ନିୟମ ଅନୁଯାୟୀ କୌଣସି ତ୍ରୁଟି ପରିଲିଖିତ ହୁଏ, ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର କ୍ଷମତା ନିମ୍ନସ୍ୱାକ୍ଷରକାରୀଙ୍କ ରହିଅଛି । କ୍ଷମତାପନ୍ନ ଅଧିକାରୀ କୌଣସି କାରଣ ନଦର୍ଶାଇ ଲିଜ କାର୍ଯ୍ୟ ବାତିଲ ବା ସ୍ଥଗିତ କରିପାରିବେ ।

**ସ୍ମାରକ ସଂଖ୍ୟା. 2956/ ତାରିଖ. 02.08.2021**

୧. ଏହାର ଏକକିତା ନକଲ ଜିଲ୍ଲାପାଳ, ଅନୁଗୋଳ / ଉପ-ଜିଲ୍ଲାପାଳ, ଆଠମଲ୍ଲିକ/ ଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

୨. ଏହାର ଏକକିତା ନକଲ ଅନୁଗୋଳ ଜିଲ୍ଲାର ସମସ୍ତ ତହସିଲଦାର/ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ / ସମସ୍ତ ଗ୍ରାମ ପଞ୍ଚାୟତ / ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ /ତହସିଲ କାର୍ଯ୍ୟାଳୟ, ଆଠମଲ୍ଲିକ/ ସମ୍ପୃକ୍ତ ଗ୍ରାମର କୋଠ ଘର ନୋଟିସ ବୋର୍ଡ ରେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

୩. ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ଅନୁଗୋଳଙ୍କ ସଦୟ ଅବଗତି ତଥା ଜିଲ୍ଲା ୱେବସାଇଟରେ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

02/08/2021

**ତହସିଲଦାର, ଆଠମଲ୍ଲିକ**

Tahasildar, Athmallik